The Samaja

10th May, 2019

# ଜେଇଇ ଆଡଭାନ୍ସ-୨୦୧୯

# ପଞ୍ଜୀକରଣ ପାଇଁ ଆଇଆଇଟି ଭୁବନେଶ୍ୱରରେ ଖୋଲିଲା ଅନ୍‌ଲାଇନ ଡେସ୍କ

ଭୁବନେଶ୍ୱର, ୯।୫(ନି.ପ୍ର): ଜେଇଇ ଆଡଭାନ୍ସ-୨୦୧୯ରେ ନାମ ପଞ୍ଜୀକରଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ରେ ମେ ୮ରୁ ଅନ୍‌ଲାଇନ ଡେସ୍କ ଖୋଲିଛି। କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭେଦକର କ୍ୟାମ୍ପସ୍‌ରେ ଅନ୍‌ଲାଇନ ଡେସ୍କ ଖୋଲିବା ପାଇଁ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱରରୁ କ୍ୟାମ୍ପସକୁ ଛାତ୍ରଛାତ୍ରୀ ଯିବା ଆସିବା ପାଇଁ ଆଇଆଇଟି ଭୁବନେଶ୍ୱର ବସ୍ ବ୍ୟବସ୍ଥା କରିଛି। ଛାତ୍ରଛାତ୍ରୀ ବସ୍‌ରେ କ୍ୟାମ୍ପସକୁ ଯାଇ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ବାତ୍ୟା ଫଣିରେ ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ସହିତ ଉପକୂଳ ଜିଲାଗୁଡିକ ପ୍ରଭାବିତ ହୋଇଛି।ସୂଚନାଯୋଗ୍ୟ ଯେ, ଇଣ୍ଟରନେଟ୍ କାମ କରୁ ନଥିବାରୁ ଜେଇଇ ଆଡଭାନ୍ସ-୨୦୧୯ ପଞ୍ଜୀକରଣ ତାରିଖ ଘୁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ।